## ସଂକ୍ଷେପରେ

### ନବୋଦୟ ପ୍ରବେଶିକା ପରୀକ୍ଷା ଆଜି

ଧର୍ମଶାଳା,୧୭।୧(ବଟକୃଷ୍ଣ ପରିଡ଼ା)

ଯାଜପୁର ଜିଲାର ପାଣିକୋଇଲିଠାରେ ନବୋଦୟ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି। ଏଠାରେ ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ପାଇଁ ଶନିବାର ଜିଲାର ୨୫ କେନ୍ଦ୍ରରେ ୬୨୨୧ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥି ମଧ୍ୟରୁ ଧର୍ମଶାଳା ବ୍ଲକର ୩ଟି କେନ୍ଦ୍ରରେ ୬୬୨ ଜଣ ପରୀକ୍ଷା ଦେବା ପାଇଁ ଆବେଦନ କରିଛନ୍ତି। ଧର୍ମଶାଳା ବାଣୀପୀଠରେ ୨୪୦, ଜେନାପୁର ହାଇସ୍କୁଲରେ ୨୧୦, ଦାମୋଦର ବିଦ୍ୟାପୀଠ ଅଚ୍ୟୁତପୁରଠାରେ ୨୧୨ଜଣ ମୋଟ ୬୬୨ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ପ୍ରଶ୍ନପତ୍ର ଓ ଖାତା ସକାଳ ୭ଟାଠାରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଯିବା ପାଇଁ ବ୍ୟବସ୍ଥା କରାଯାଇଛି। ପୂର୍ବାହ୍ନ ୧୧ଟାରେ ପରୀକ୍ଷାର୍ଥୀମାନେ ହଲ୍‌ରେ ପ୍ରବେଶ କରିବେ। ୧୧ଟା୩୦ରେ ପରୀକ୍ଷା ଆରମ୍ଭ ହୋଇ ୧ଟା୩୦ରେ ଶେଷ ହେବ। ପରୀକ୍ଷାର୍ଥୀ ୧୦୦ ମାର୍କର ପ୍ରଶ୍ନର ଉତ୍ତର ଦେବେ। ପରୀକ୍ଷାକୁ ସୂଚାରୁ ରୂପେ ସଞ୍ଚାଳନ କରାଯିବ ବୋଲି ନବଦୋୟ ବିଦ୍ୟାଳୟର ଅଧକ୍ଷା ଦିକ୍ଷାଜ୍ୟୋତି ମିଶ୍ର ସୂଚନା ଦେଇଛନ୍ତି।

### ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

କାଏମା,୧୭।୧(ଶିବପ୍ରସାଦ ମହାନ୍ତି)

ଧର୍ମଶାଳ ବ୍ଲକ ଅନ୍ତର୍ଗତ କୋଟପୁର ପଞ୍ଚାୟତର ବଜ୍ରଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ପୋଗ୍ରାମ ଅଫିସର ସନ୍ତୋଷ କୁମାର ଦାସଙ୍କ ଦ୍ୱାରା ଆୟୋଜିତ ସଭାରେ ବିଦ୍ୟାଳୟ ଅଧକ୍ଷ ପ୍ରଭାସ ଚନ୍ଦ୍ର ଚୋଲ ଯୋଗଦେଇ ସଭାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଛାତ୍ରୀମାନଙ୍କୁ ବୁଝାଇ କହିଥିଲେ। ପ୍ରଶିକ୍ଷିକା ଜ୍ୟୋସ୍ନା ନନ୍ଦ ଛାତ୍ରୀମାନଙ୍କୁ ଏହା ବିଷୟରେ ଅବଗତ କରିଥିଲେ। ପରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ିର ଉଦ୍‌ଘାଟିତ

### ଧର୍ମପ୍ରାଣା ମହିଳାଙ୍କ ପରଲୋକ

କାଏମା,୧୭।୧(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ବଡ଼କାଏମା ପଞ୍ଚାୟତର ଧର୍ମପରାୟଣା ମହିଳା କନକଲତା ବାରିକଙ୍କ ଗୁରୁବାର ରାତିରେ ପରଲୋକ ହୋଇଯାଇଛି। ସେ ଛୋଟ ପିଲାଙ୍କୁ ବହୁ ଭଲ ପାଆନ୍ତି ଓ ଗେହ୍ଲା କରନ୍ତି। ତେଣୁ ପିଲାଙ୍କ ସେବା କରିବା ଉଦ୍ଦେଶ୍ୟରେ ୨୦୦୪ରେ କାଏମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରତିଷ୍ଠା ହେବା ଦିନଠାରୁ କନକଲତା ଏଠାରେ ସେବିକା ଭାବେ କାର୍ଯ୍ୟ କରି ଆସୁଥିଲେ। ତାଙ୍କର ହୃଦ୍‌ରୋଗ ବାହାରିଥିବା ପରେ ସେ ଔଷଧ ଖାଉଥିଲେ। ପ୍ରତିଦିନ ଭଳି ରାତିରେ ସେ ବିଦ୍ୟା ମନ୍ଦିରକୁ ଶୋଇବାକୁ ଯିବା ସମୟରେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ପରିବାର ଲୋକେ ତାଙ୍କୁ ମେଡିକାଲ ନେବାବଳେ ତାଙ୍କର ମୃତ୍ୟୁ ହୋଇଥିଲା। କନକଲତାଙ୍କ ମୃତ୍ୟୁପରେ ଶିଶୁ ବିଦ୍ୟା ମନ୍ଦିର ଶୁକ୍ରବାର ବନ୍ଦ ରହିଥିଲା। ମୃତଦେହକୁ ଏକ ଶୋଭାଯାତ୍ରାରେ ବଜାର ମଧ ଦେଇ ନୂଆ ଶିଶୁ ମନ୍ଦିର ପରିକ୍ରମା କରାଯାଇ ଗାଁ ମଶାଣିକୁ ନିଆଯାଇଥିଲା। ସେଠାରେ ତାଙ୍କ ସାନପୁଅ ମୁଖାଗ୍ନି ଦେଇଥିଲେ। ଶୋଭାଯାତ୍ରାରେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟଙ୍କ ସହ ସମସ୍ତ ଗୁରୁଜୀଗରୁମା ସାମିଲ ହୋଇଥିଲେ।

# ରେଲ୍‌ୱେ ଗଳିପୋଲ ନିର୍ମାଣରେ ବିଳମ୍ବ

## ସହରବାସୀ ହନ୍ତସନ୍ତ

ଯାଜପୁରରୋଡ୍,୧୭।୧(ପବିତ୍ର ରଞ୍ଜନ ମହାନ୍ତି)

ବହୁ ପ୍ରତୀକ୍ଷିତ ରେଲ୍‌ୱେ ଗଳିପୋଲ ନିର୍ମାଣରେ ଅହେତୁକ ବିଳମ୍ବ ହେଉଛି। ଫଳରେ ଏହାକୁ ନେଇ ବ୍ୟାସନଗର ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାସନଗର ସହରକୁ ପୂର୍ବତଟ ରେଳପଥ ଦୁଇଭାଗ କରିଥିଲା। ସହରର ବିଭିନ୍ନ ସଂଗଠନ ପକ୍ଷରୁ ବହୁ ଦାବି ଓ ଆନ୍ଦୋଳନ ପରେ ପୂର୍ବତଟ ରେଳପଥର ନିଦ ଭାଙ୍ଗିଥିଲା। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଗଳିପୋଲ ଏବଂ ସାଇମନ୍ଦିର ପଟେ ଫ୍ଲାଏଓଭର ବ୍ରିଜ ନିର୍ମାଣ ପାଇଁ ରେଳମନ୍ତ୍ରୀ ଆଭାସି(ଭିସି) ମାଧ୍ୟମରେ ଶିଳାନ୍ୟାସ କରିଥିଲେ। ପ୍ରଥମେ ଗୋପବନ୍ଧୁ ଛକ ନିକଟ ଗଳିପୋଲ ନିର୍ମାଣ ୬ ମାସ ମଧ୍ୟରେ ସମ୍ପୂର୍ଣ୍ଣ ହେବ ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ। ଏହି ଘୋଷଣାର ୮ ମାସ ପରେ ଗଳିପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କାର୍ଯ୍ୟ ଆରମ୍ଭକୁ ୨ ମାସ ବିତି ଯାଇଥିଲେ ମଧ ଅଧାରୁ ଅଧିକ କାର୍ଯ୍ୟ ଅସମ୍ପୂର୍ଣ୍ଣ ହୋଇରହିଛି। କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାରୁ କେବେ ସମ୍ପୂର୍ଣ୍ଣ ହେବ ତାହାକୁ ନେଇ ସହରବାସୀଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଗଳିପୋଲ କାର୍ଯ୍ୟ କେବେ ସମ୍ପୂର୍ଣ୍ଣ ହେବ ତାହାର ଉତ୍ତର ରେଲ୍‌ୱେ କର୍ତ୍ତୃପକ୍ଷ ଓ ଠିକାଦାର ଦେଇପାରୁନାହାନ୍ତି। ଏହି ଗୋପବନ୍ଧୁ ଛକ ଡାକବଙ୍ଗଳା ରେଳ ଲେଭଲ କ୍ରସିଂ ରାସ୍ତାଟି ସହରର ମୁଖ୍ୟରାସ୍ତା ହୋଇଥିବାରୁ ସହରବାସୀ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗଳିପୋଲ କାର୍ଯ୍ୟ ବିଳମ୍ବ ହେତୁ ସହରର ଉଭୟ ପାର୍ଶ୍ୱର ଲୋକଙ୍କୁ ୧ କିଲୋମିଟରରୁ ଅଧିକ ରାସ୍ତା ବୁଲିଯିବାକୁ ପଡୁଛି। ଫଳରେ ଟ୍ରାଫିକ ସମସ୍ୟା ବୃଦ୍ଧି ପାଇ ଛୋଟବଡ଼ ଦୁର୍ଘଟଣାମାନ ଘଟୁଛି। ଏ ସମ୍ପର୍କରେ ଯାଜପୁରରୋଡ୍ ରେଲ୍‌ୱେ ବିଭାଗ ସହକାରୀ ଯନ୍ତ୍ରୀ(ଏଡିଇଏନ)ରାଜକିଶୋର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଗଳିପୋଲକୁ ସଂଯୋଗ କରୁଥିବା ଉଭୟ ପଟରୁ ୬୫ ମିଟର ଲେଖାଏ ରାସ୍ତା କାର୍ଯ୍ୟ ଚାଲୁରହିଛି। ଆସନ୍ତା ମାର୍ଚ୍ଚ ଶେଷ ସୁଧା ଜନସାଧାରଣ ଗଳିପୋଲରେ ଯାତାୟାତ କରିପାରିବେ। ଏହାର କାନ୍ଥ ଏବଂ ଉପର ସେଡ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାକୁ ଅଧିକ କିଛି ସମୟ ଲାଗିବ ବୋଲି ସେ ପ୍ରକାଶ କରିଛନ୍ତି।


ରେଲ୍‌ୱେ ଗଳିପୋଲ କାର୍ଯ୍ୟ ଅଧାପନ୍ତରିଆ ହୋଇ ରହିଛି।

# ବରୁଣେଇ ସମିତିରେ ଧାନମଣ୍ଡି ଖୋଲିଲା



ଧାନମଣ୍ଡିକୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି।

ସିଂହପୁର,୧୭।୧(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ବରୁଣେଇ କୃଷି ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଖୋଲିଛି। ସମିତି ସମ୍ପାଦକ ମାନସ ରଞ୍ଜନ କବିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସମିତି ଅଧକ୍ଷା ରଞ୍ଜିତା କୁମାରୀ ଦାସ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦସଭ୍ୟା ସୁନିତା ନାୟକ ଯୋଗଦେଇଥିଲେ।

# ଅମରାବତୀ ମହୋତ୍ସବ ପ୍ରସ୍ତୁତି ବୈଠକ

ଛତିଆ,୧୭।୧(ସୌମ୍ୟ ରଞ୍ଜନ ସାହୁ)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆରେ ଦ୍ୱିତୀୟ ଅମରାବତୀ ମହୋତ୍ସବ ଚଳିତ ମାସ ୩୧ରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏନେଇ ଅମରାବତୀ ମଠ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଛତିଆ ସମିତିସଭ୍ୟ ଦୀପକ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଛତିଆ ସମେତ ନେଳିଆ, ଚମ୍ପାପୁର, ସୋଲର, ପଞ୍ଚାୟତର ବହୁ ମୁରବୀ ଓ ଯୁବକମାନେ ଉପସ୍ଥିତ ରହି ମହୋତ୍ସବକୁ କିପରି ସରସ ସୁନ୍ଦର ଓ ଆକର୍ଷଣୀୟ କରାଯିବ ସେ ନେଇ ମତ ଦେଇଥିଲେ। ବୈଠକରେ ମହୋତ୍ସବ କମିଟି ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ଅନିଲ ବେହେରା ଓ ସମ୍ପାଦକ ଭାବେ ନୀଳମଣି ରାଉତଙ୍କୁ ଚୟନ କରାଯାଇଥିଲା। ଏହି ବୈଠକରେ ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ଚମ୍ପାପୁର ସମିତସଭ୍ୟ ସତ୍ୟବ୍ରତ ବିଶ୍ୱାଳ, ଗ୍ରାମ ମୁରବି ମାଧବାନନ୍ଦ ମହାପାତ୍ର, ରମେଶ ବିଶ୍ୱାଳ, ବାଇଧର ସେଠୀ, ରଞ୍ଜନ ସାହୁ, ପ୍ରଦୋଷ ନାଥ, ପ୍ରଫୁଲ୍ଲ ବିଶ୍ୱାଳ, କପିଳ ପୃଷ୍ଟି, ବ୍ରହ୍ମବର ବିଶ୍ୱାଳଙ୍କ ସମେତ ଅଞ୍ଚଳର ବହୁ ଜନସାଧାରଣ ଉପସ୍ଥିତ ଥିଲେ। ଛତିଆ ସରପଞ୍ଚ ରମେଶ ପୃଷ୍ଟି ଧନ୍ୟବାଦ ଦେଇଥିଲେ।

# ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର



ଶିବିରରେ ଛାତ୍ରୀମାନେ ପ୍ରଶିକ୍ଷଣ ନେଉଛନ୍ତି।

ଯାଜପୁରରୋଡ୍,୧୭।୧(ପବିତ୍ର ରଞ୍ଜନ ମହାନ୍ତି)

## ପ୍ରଶିକ୍ଷଣ ନେଲେ ୩୫୦ ଛାତ୍ରୀ

ବ୍ୟାସନଗର ସ୍ଥିତ ଇନ୍ଦିରା ଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ଲଳିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ପ୍ରମୋଦ କୁମାର ରାୟ, ସମ୍ମାନିତ ଅତିଥିଭାବେ ଯାଜପୁର ଜିଲା ନୋଡାଲ ଅଫିସର ଗୌରସୁନ୍ଦର ଦାସ ଓ ବିରଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ମୁଖ୍ୟ କିରାଣି ସୁବାସ ଚନ୍ଦ୍ର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଶିବିରର ସଂଯୋଜକ ଅଧ୍ୟାପକ ଚିତରଞ୍ଜନ ବଳ ୮ଦିନ ଧରି ଚାଲିଥିବା ଶିବିରର ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଜ୍ୟୋତିପ୍ରକାଶ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଶିବିରରେ ପ୍ରଶିକ୍ଷଣ ନେଇଥିବା ୩୫୦ ପ୍ରଶିକ୍ଷାର୍ଥୀଙ୍କୁ ଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ମମତାମୟୀ ଦାଶ ଓ ଲିପ୍ସାରାଣୀ ଶତପଥୀ ଛାତ୍ରୀଙ୍କୁ ଆତ୍ମାରକ୍ଷା ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ ପରିଚାଳନାରେ କ୍ଷୀରୋଦ ରାଉତ, ଅଶୋକ ଦାସ, କଲ୍ୟାଣୀ ପରିଡ଼ା, ଶିବପ୍ରସାଦ ଦାସ, ବିନାୟକ ପାଢ଼ୀ, ଅଶୋକ ଭଞ୍ଜ, ହେମନ୍ତ ବେହେରା, ବସନ୍ତ ସେଠୀ, ରମେଶ ସ୍ୱାଇଁ, ଜୟପ୍ରକାଶ ଦାସ, ପ୍ରଦୀପ ଦାସ, ଅଚ୍ୟୁତ ମଲ୍ଲିକ ସହଯୋଗ କରିଥିଲେ। ଅଧ୍ୟାପକ ସୁବାସ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

# ଧର୍ମଶାଳା ବ୍ଲକ୍‌ର ୪୨୫ ପାଇବେ ବର୍ଦ୍ଧିତ ଭତ୍ତା

ଧର୍ମଶାଳା,୧୭।୧(ବଟକୃଷ୍ଣ ପରିଡ଼ା)

ସରକାରଙ୍କ ଘୋଷଣା ଅନୁଯାୟୀ ଧର୍ମଶାଳା ବ୍ଲକରେ ୮୦ବର୍ଷରୁ ଉର୍ଦ୍ଧ୍ୱ ଓ ୮୦ ଭାଗରୁ ଉର୍ଦ୍ଧ୍ୱ ଭିନ୍ନକ୍ଷମ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଲେଖାଏ ବର୍ଦ୍ଧିତ ଭତ୍ତା ଚଳିତ ମାସରେ ପ୍ରଦାନ କରାଯିବ। ଅବଶିଷ୍ଟ ହିତାଧିକାରୀଙ୍କ କାଗଜପତ୍ର ଯାଞ୍ଚ କରାଯାଇ ଫ୍ରେବୃଆରୀଠାରୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ। ଧର୍ମଶାଳା ବ୍ଲକରେ ମଧୁବାବୁ ଯୋଜନାରେ ୧୯୪୪୧ ଜଣ, ବିଧବା ଭତ୍ତା ହିତାଧିକାରୀ ୩୫୧୧ଜଣ, ଭିନ୍ନକ୍ଷମ ୨୪୮୮ଜଣ, ଓଏପି ୪୩୭୪ ଜଣ ମୋଟ ୨୯୮୧୪ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ସେମାନଙ୍କ ମଧ୍ୟରୁ ଚଳିତ ମାସରେ ୨୩୪ ଜଣ ୮୦ ଭାଗରୁ ଅଧିକ ଭିନ୍ନକ୍ଷମ ଓ ୧୯୧ ଜଣ ୮୦ବର୍ଷରୁ ଉର୍ଦ୍ଧ୍ୱ ମୋଟ ୪୨୫ ଜଣ ହିତାଧିକାରୀଙ୍କୁ ବର୍ଦ୍ଧିତ ଭତ୍ତା ସୋମବାର ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ବୈରାଗୀ ବିଶ୍ୱାଳ ଥିଲେ ଗାନ୍ଧିବାଦୀ ନେତା


ବୈରାଗୀ ଚରଣ ବିଶ୍ୱାଳଙ୍କ ସ୍ମୃତିସଭାରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଧର୍ମଶାଳା,୧୭।୧(ବଟକୃଷ୍ଣ ପରିଡ଼ା)

ସାମାଜିକ କର୍ମୀ ବୈରାଗୀ ଚରଣ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଜାରକାସ୍ଥିତ କଳିଙ୍ଗ କ୍ଲବ୍ ପରିସରରେ ବୈରାଗୀ ଚରଣ ବିଶ୍ୱାଳଙ୍କ ଶ୍ରଦ୍ଧାଞ୍ଜଳି ସଭା କମିଟି ସଭାପତି କିଷାନ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଉଦ୍‌ଘାଟନ କରିଥିଲେ। ପୂର୍ବତନ ଅର୍ଥମନ୍ତ୍ରୀ ଡ. ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଶ୍ୱାଳ ଜଣେ ଅମାୟିକ ବ୍ୟକ୍ତି, ବହୁ ଶିକ୍ଷାନୁଷ୍ଠାନର ସ୍ରଷ୍ଟା, ସାମାଜିକ କର୍ମୀ ଓ ଗାନ୍ଧିବାଦୀ ନେତା ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ କଲେଜ୍ ଅଧ୍ୟକ୍ଷ ବେଣୁଧର ଶରଣ, ପୂର୍ବତନ ସରପଞ୍ଚ ମାଗୁଣୀ ଚରଣ ପଣ୍ଡା ଓ ବେଣୁଧର ଜେନାଙ୍କୁ ମାନପତ୍ର ସହ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଧର୍ମଶାଳା ପ୍ରେସ୍ କ୍ଲବ୍ ସମ୍ପାଦକ ରମାକାନ୍ତ ଜେନା, ପ୍ରେସ୍ କ୍ଲବ୍ ଉପଦେଷ୍ଟା ବଟକୃଷ୍ଣ ପରିଡ଼ା, ଏବିଇଓ ମମିତା ମହାନ୍ତି, ଶିକ୍ଷକନେତା ଯୁଗଳ କିଶୋର ଦାସ, ହୃଷୀକେଶ ସାମଲ, ଶ୍ରମିକନେତା ନୃସିଂହ ଚରଣ ମିଶ୍ର, ଅଖିଳ କୁମାର ସ୍ୱାଇଁ, ଦଳିତନେତା ହରିହର ମଲିକ, ଗୋଲକ ଚନ୍ଦ୍ର ପଲେଇ, ଅଶୋକ ସାହୁ, ବ୍ରଜକିଶୋର ଦାଶ, ଶୁଭକାନ୍ତ ନାୟକ, କାଳନ୍ଦୀ କଣ୍ଡ, ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ଅଭିରାମ ନନ୍ଦ ପ୍ରମୁଖ ଯୋଗଦେଇ ବିଶ୍ୱାଳଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥିଙ୍କୁ ସ୍ୱାଗତ କରିବା ସହ ସୂଚନା ପ୍ରଦାନ କରିଥିବାବେଳେ କମିଟି ସମ୍ପାଦକ କାହ୍ନୁଚରଣ ଦାଶ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ 'ଶିକ୍ଷାପ୍ରେମୀ ବୈରାଗୀ ଚରଣ ବିଶ୍ୱାଳ' ଶୀର୍ଷକ ବକ୍ତୃତା ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୀର୍ତ୍ତିପ୍ରଭା ଗୁଇଁ, ସସ୍ମିତା ମଣ୍ଡଳ, ରାଜଲକ୍ଷ୍ମୀ ପରିଡ଼ା, ଅଙ୍କିତା ମଲ୍ଲିକ, ସ୍ମୃତିମୟୀ ନାଥ, ଜାଗୃତି ଶତପଥୀ ଓ ତେଜସ୍ୱିନୀ ସାମଲଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପୂର୍ବରୁ ବ୍ଲକ୍ ସମ୍ମୁଖରେ ଥିବା ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ମିହିର ଖୁଣ୍ଟିଆ ଧନ୍ୟବାଦ ଦେଇଥିଲେ।

# ଆଜିଠାରୁ ୩ ଦିନିଆ ରାଜ୍ୟସ୍ତରୀୟ ଇଜ୍‌ତେମା

## ଯୋଗଦେବେ ୩୦ ହଜାର ମୁସଲମାନ ଧର୍ମାବଲମ୍ବୀ

ଚଣ୍ଡିଖୋଲ,୧୭।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଟିକଟା ଛକ ନିକଟରେ ମୁସଲମାନ ଧର୍ମାବଲମ୍ବୀମାନଙ୍କ ରାଜ୍ୟସ୍ତରୀୟ ଇଜତେମା ଶନିବାରଠାରୁ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମରେ ସାରା ଓଡିଶାରୁ ୩୦ ହଜାରରୁ ଉର୍ଦ୍ଧ୍ୱ ମୁସଲମାନ ଧର୍ମାବଲମ୍ବୀ ଯୋଗଦେବେ ବୋଲି ଇଜତେମା କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମ ୩ ଦିନ ଧରି ଚାଲିବ। ସୋମବାର ଏହା ଶେଷ ହେବ ବୋଲି କମିଟି ସଂଯୋଜକ ମହମ୍ମଦ ମୋକିମ ଓ ଅଫସର ଅଲ୍ଲୀ ପ୍ରକାଶ କରିଛନ୍ତି। ଏଠାରେ ପ୍ରତ୍ୟେହ ଦିନ ପ୍ରାର୍ଥନା, ପ୍ରବଚନ ଓ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ କରାଯିବ। ଶେଷ ଦିନରେ ସମୂହ ପ୍ରାର୍ଥନା କରାଯିବ। ଯେଉଁଥିରେ ୫୦ ହଜାର ଲୋକ ଯୋଗଦେବେ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମ ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଯାଜପୁର ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନଗୋଙ୍କ ନେତୃତ୍ୱରେ ୨ ଜଣ ଡିଏସ୍‌ପି, ୨ ଜଣ ଇନ୍ସପେକ୍ଟର, ୩୧ଜଣ ଏସ୍‌ଆଇ ଓ ଏଏସଆଇ, ୪୭ ଜଣ ହାବିଲଦାର ଓ କନଷ୍ଟେବଳ ରହିବେ। ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବେ। ଏଥିସହିତ ୫୦ରୁ ଉର୍ଦ୍ଧ୍ୱ ହୋମ ଗାର୍ଡ ରହିବେ ବୋଲି ଯାଜପୁର ରୋଡ ଏସ୍‌ଡିପିଓ ସଞ୍ଜୟ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି।



ରାଜ୍ୟସ୍ତରୀୟ ଇଜତେମା ପାଇଁ ପୋଲିସ ପକ୍ଷରୁ ପ୍ରସ୍ତୁତି ସମୀକ୍ଷା କରାଯାଉଛି।

# ବିଦ୍ୟାଳୟରେ ପୁରସ୍କାର ବିତରଣ




କଳିଙ୍ଗନଗର,୧୭।୧(ଶୁଭାଶିଷ ରାଉତ)

ଦାନଗଦି ବ୍ଲକ ଅନ୍ତର୍ଗତ ମାନଗୋବିନ୍ଦପୁର ନୋଡାଲ ଓ ଉଚ୍ଚ ବିଦ୍ୟାଳୟରେ ୩ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମୁଦାୟ ୫୦୦ ଛାତ୍ରୀଛାତ୍ରୀ ବିଭିନ୍ନ ଖେଳରେ ଭାଗ ନେଇଥିଲେ। ୧୫୦ ଜଣ ଛାତ୍ରୀଛାତ୍ର ପୁରସ୍କୃତ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସରପଞ୍ଚ ମାନସ ରଣା, ଜୟକୃଷ୍ଣ ପୃଷ୍ଟି, ଗଙ୍ଗାଧର ପାତ୍ର, ପରିଚାଳନା କମିଟିସଭାପତିଶୈଳେନ୍ଦ୍ର ରଣା, ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁଶାନ୍ତ କୁମାର ଭୂୟାଁ, ନୋଡାଲ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ସୁନ୍ଦରୀ ବିରୁଆ, ସୁବାସ ଚନ୍ଦ୍ର ସାହୁ, ସାମ୍ବାଦିକ ଶ୍ରୀକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ା ଶିକ୍ଷକ ସନ୍ତୋଷ କୁମାର ସାହୁ ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଅଭିଷେକ ବେହେରା ସହଯୋଗ କରିଥିଲେ। ବିଭିନ୍ନ ଖେଳରେ ଭାଗ ନେଇ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ତରଫରୁ ମାନପତ୍ର, କପ, ବିଭିନ୍ନ ପାଠ୍ୟଉପକାରଣ ଓ ପୁଷ୍ପ ଗୁଚ୍ଛ ଦେଇ ଉତ୍ସାହିତ କରାଯାଇଥିଲା। ଉଚ୍ଚ ବିଦ୍ୟାଳୟର ଛାତ୍ର କାଳୀଚରଣ ସହର ଓ ଛାତ୍ରୀ ରୀମା ବହଲ ଏବଂ ନୋଡାଲ ବିଦ୍ୟାଳୟର ଛାତ୍ର ରାମ ଚାକିଆ ଓ ଛାତ୍ରୀ ଅର୍ପିତା ମହାପାତ୍ର ଚାମ୍ପିୟନ ହୋଇଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଓ ଅଭିଭାବକ ଉପସ୍ଥିତ ଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ସ୍ୱାସ୍ଥ୍ୟସେବାର ଗୁଣବତ୍ତା ପରଖିଲା କାୟାକଳ୍ପ ଟିମ୍

## ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ରସୁଲପୁର,୧୭।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ଅନ୍ତର୍ଗତ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ରାଜ୍ୟ କାୟାକଳ୍ପ ସ୍ୱାସ୍ଥ୍ୟ ପରିଦର୍ଶକ ଟିମ୍ ପରିଦର୍ଶନ କରିଛି। ଡାକ୍ତରଙ୍କ ନେତୃତ୍ୱରେ ୩ଜଣିଆ ସ୍ୱାସ୍ଥ୍ୟ ପରିଦର୍ଶକ ଦଳ ଆସି ସ୍ୱାସ୍ଥ୍ୟସେବାର ଗୁଣବତ୍ତା ପରଖିଛନ୍ତି। ଏଥିସହ ଡାକ୍ତରଖାନର ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶକୁ ନେଇ କାର୍ଯ୍ୟକାରୀ ହୋଇଥିବା ଯୋଜନାଗୁଡ଼ିକର କାର୍ଯ୍ୟକାରିତାର ବିଭିନ୍ନ ଦିଗକୁ ଅନୁଧ୍ୟାନ କରିଛନ୍ତି। ଜେଡି(ସିଏଚ) ଡାକ୍ତର ପ୍ରତିଭା ପ୍ରଧାନ, କନସଲଟାଣ୍ଟ ବିବୁଧା ବିଜୟଲକ୍ଷ୍ମୀ, ଜ୍ୟୋସ୍ନାରାଣୀ ଏକ୍କାଙ୍କୁ ନେଇ ଏହି ଦଳ ଡାକ୍ତରଖାନା ପରିସରରେ ପହଞ୍ଚି ଜିଲା ସ୍ୱାସ୍ଥ୍ୟ ଗୁଣବତ୍ତା ପରିଚାଳିକା ଲୋପାମୁଦ୍ରା ଦାସମହାପାତ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ଅଭିଶେଖ ହରିଚନ୍ଦନ, ଡା. ବସନ୍ତ କୁମାର ପଣ୍ଡା, ଡା. ଜ୍ୟୋତି ପ୍ରକାଶ ପଣ୍ଡାଙ୍କ ସହ ଆଲୋଚନା କରି ସ୍ୱାସ୍ଥ୍ୟକେନ୍ଦ୍ରରେ ଜନସାଧାରଣଙ୍କୁ ଉପଲବ୍ଧ ହେଉଥିବା ସ୍ୱାସ୍ଥ୍ୟସେବାଗୁଡ଼ିକ ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହ ସ୍ୱାସ୍ଥ୍ୟକେନ୍ଦ୍ରରେ ବହିର୍ବିଭାଗ, ଅନ୍ତଃବିଭାଗ ରୋଗୀଙ୍କୁ ନେଇ ପରିଚାଳନା ହେଉଥିବା ରେଜିଷ୍ଟ୍ରିଗୁଡ଼ିକୁ ଯାଞ୍ଚ କରିବା ସହ ପ୍ରସବକାଳୀନ ପ୍ରକୋଷ୍ଠ, ରୋଗୀ ଚିକିତ୍ସା ପ୍ରକୋଷ୍ଠ, ଡ୍ରେସିଂ ରୁମ ଆଦି ବୁଲି ଦେଖିଥିଲେ। ଫାର୍ମାସିଷ୍ଟ ସୁରେଶ ଚନ୍ଦ୍ର ଜେନାଙ୍କ ସହ ନିରାମୟ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଯୋଜନା ଜରିଆରେ କେତେ ପ୍ରକାର ଔଷଧ ରୋଗୀଙ୍କୁ ମାଗଣାରେ ଉପଲବ୍ଧ ହେଉଛି ତା'ର ତଥ୍ୟ ସଂଗ୍ରହ କରିଥିଲେ। ନର୍ସିଂ ପ୍ରକୋଷ୍ଠକୁ ଯାଇ କାର୍ଯ୍ୟରତ ନର୍ସିଂ ଅଫିସରଙ୍କ ସହ ଆଲୋଚନା କରିଥିଲେ। ଡାକ୍ତରଖାନା ଲାବରେଟୋରି ପରିଦର୍ଶନ କରି ଉକ୍ତ ପ୍ରକୋଷ୍ଠରେ ଲାଗିଥିବା ଯନ୍ତ୍ରଗୁଡ଼ିକର ସ୍ଥିତି ସମ୍ପର୍କରେ ଅବଗତ ହୋଇଥିଲେ। ପତ୍ର୍ୟେକ ଦିନ ଡାକ୍ତରଖାନାରେ କେତେ ରୋଗୀଙ୍କ ରକ୍ତ, ମଳ, ମୂତ୍ର, କଫ ଆଦି ପରୀକ୍ଷା କରାଯାଉଛି ସେ ସମ୍ପର୍କିତ ରେକର୍ଡ ଯାଞ୍ଚ କରିଥିଲେ। ଡାକ୍ତରଖାନାରୁ ରୋଗୀ ଚିକିତ୍ସା ସମୟରେ ବ୍ୟବହୃତ ଯନ୍ତ୍ରାଂଶ ଓ ଆବର୍ଜନା ଆଦି ସରଞ୍ଜାମକୁ ଠିକ୍ ଭାବରେ ପରିଚାଳନା କରାଯାଉଛି କି ନାହିଁ ଓ ତା'ର ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ଏହାଛଡ଼ା ଡାକ୍ତରଖାନା ପରିସରରେ ଉପସ୍ଥିତ ଥିବା ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରୁ ମିଳୁଥିବା ବିଭିନ୍ନ ରୋଗୀସେବାକୁ ନେଇ ସେମାନେ କେତେ ଖୁସି ଅଛନ୍ତି ଓ ସମସ୍ୟା କ'ଣ ରହୁଛି ସେ ସମ୍ପର୍କରେ ଅବଗତ ହୋଇଥିଲେ। କ୍ଲିନିକାଲ ସେକ୍ସନକୁ ଯାଇ ସ୍ୱାସ୍ଥ୍ୟସେବା ଓ ତା'ର କାର୍ଯ୍ୟକାରୀତାକୁ ନେଇ ବିଭିନ୍ନ କାଗଜାତ୍ ଯାଞ୍ଚ କରି ସନ୍ତୋଷବ୍ୟକ୍ତ କରିଥିଲେ। ଅନୁଧ୍ୟାନକାରୀମାନଙ୍କ ଦ୍ୱାରା ହସ୍ତଗତ ହୋଇଥିବା ତଥ୍ୟ ଆଧାରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୁଣବତ୍ତାର ପ୍ରମାଣପତ୍ର ପ୍ରଦାନ କରାଯିବ ବୋଲି ଡାକ୍ତର ପଣ୍ଡାଙ୍କ ସୂତ୍ରରୁ ଜଣାଯାଇଛି। ପରିଦର୍ଶନକାରୀ ଦଳକୁ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସରୋଜିନୀ ମହାନ୍ତି, ବିପିଏମ ଜ୍ୟୋସ୍ନାମ୍ବରୀ ସାହୁ, ବିଡିଏମ ଯାଜ୍ଞସେନୀ ମୁଦୁଲିଙ୍କ ସମେତ ଡାକ୍ତରଖାନାର ସ୍ୱାସ୍ଥ୍ୟକର୍ମୀମାନେ ଅନୁଧ୍ୟାନରେ ସହଯୋଗ କରିଥିଲେ।



ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିବା କାୟାକଳ୍ପ ଟିମ୍‌କୁ ସ୍ୱାଗତ କରାଯାଉଛି।

# ଓଡ଼ିଆ ଅଧ୍ୟାପକ ନିଲମ୍ବିତ

- ଧାରଣା ୨ୟ ଦିନରେ ପ୍ରତ୍ୟାହୃତ
- ଅଧ୍ୟକ୍ଷଙ୍କୁ ଓଡିଆ ଅଧ୍ୟାପକ ମାରପିଟ୍ ଘଟଣା

ନୟାଗଡ଼,୧୭।୧(ଲୋକନାଥ ମିଶ୍ର)

ନୟାଗଡ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷ ବିପିନ ପଟ୍ଟନାୟକଙ୍କୁ ମାଡମରା ଘଟଣାରେ ଓଡ଼ିଆ ଅଧ୍ୟାପକ ବାନାମ୍ବର ପୃଷ୍ଟିଙ୍କୁ ନିଲମ୍ବନ କରାଯାଇଛି। ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ପରିଚାଳନା ପରିଷଦର ଅଧକ୍ଷ ତଥା ନୟାଗଡ଼ ଅତିରିକ୍ତ ଜିଲାପାଳ ରୋଜିନା ଦାସ ବାନାମ୍ବରଙ୍କୁ ଶୁକ୍ରବାର ନିଲମ୍ବନ କରିଛନ୍ତି। ନିଲମ୍ବିତ ଅଧ୍ୟାପକଙ୍କୁ ନୂଆଗାଁ ବ୍ଲକ ମାଳିସାହି ଗଡିଶ୍ୱର ମହାବିଦ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ରହିଛି। ପ୍ରଶାସନର ବିନା ଅନୁମତିରେ ଜିଲା ଛାଡ଼ିବାକୁ ଅନୁରୂପ ନିର୍ଦ୍ଦେଶ ଅଛି। ଓଡ଼ିଆ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ପ୍ରତିବାଦରେ ମହାବିଦ୍ୟାଳୟର କର୍ମଚାରୀମାନେ ଗୁରୁବାରଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଶୁକ୍ରବାର ମଧ ଆନ୍ଦୋଳନ ହୋଇଥିଲା।



ବାନାମ୍ବର ପୃଷ୍ଟି

ଆନ୍ଦୋଳନରେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସାମିଲ ହୋଇଥିବାରୁ ୨ ଦିନ ଧରି ପାଠପଢ଼ା ବନ୍ଦ ହେବା ସହ ଅଫିସ କାର୍ଯ୍ୟ ଠପ ହୋଇ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଓଡ଼ିଆ ଅଧ୍ୟାପକଙ୍କ ନିଲମ୍ବନ ପରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରୁ ଆରମ୍ଭ ହୋଇଥିବା ଆନ୍ଦୋଳନ ଅପରାହ୍ନ ୫ଟାରେ ପ୍ରତ୍ୟାହୃତ ହୋଇଥିଲା।

ପ୍ରାପ୍ତ ସୂଚନା ଅନୁସାରେ ଓଡ଼ିଆ ବିଭାଗରେ ବିଭିନ୍ନ ଅନିୟମିତତା ଅଭିଯୋଗ ପରେ ଓଡ଼ିଆ ଅଧ୍ୟାପକଙ୍କର କିଛି ଦାୟିତ୍ୱକୁ ଅନ୍ୟ ଅଧ୍ୟାପକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏଥିରେ ଓଡ଼ିଆ ଅଧ୍ୟାପକ ଉତ୍ତେଜିତ ହୋଇ ଅଧକ୍ଷଙ୍କ ଚାମ୍ବରରେ ୨୦୨୪ ଡିସେମ୍ବର ୩୦ରେ ଗାଳିଗୁଲଜ କରିଥିଲେ। ପରେ ବାହାରେ ମାରପିଟ୍ କରିଥିବା ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ନୋଟିସ୍ କରିଥିଲା। ହେଲେ ଅଧ୍ୟାପକ କୋର୍ଟରେ ଜାମିନ ହୋଇଥିଲେ। ଏଭଳିସ୍ଥଳେ ପ୍ରଶାସନ ଓଡ଼ିଆ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଗୁରୁବାର ମହାବିଦ୍ୟାଳୟର କର୍ମଚାରୀମାନେ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେବା ପାଇଁ ଯାଇଥିଲେ। ହେଲେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ରୋଜିନା ଦାସଙ୍କୁ ଭେଟି ସ୍ମାରକପତ୍ର ଦେଇ ଫେରିଥିଲେ। ଜିଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବାରୁ ଆନ୍ଦୋଳନ ଚାଲିଥିଲା। ମହାବିଦ୍ୟାଳୟର ପରିଚାଳନା ପରିଷଦ ନ ଥିବାରୁ ପ୍ରଶାସନ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ପାରି ନ ଥିଲା। ଶୁକ୍ରବାର ଜିଲା ପ୍ରଶାସନ ପକ୍ଷରୁ ନୟାଗଡ଼ ଅତିରିକ୍ତ ଜିଲାପାଳଙ୍କୁ ମହାବିଦ୍ୟାଳୟର ପରିଚାଳନା ପରିଷଦର ଅଧକ୍ଷ ଭାବେ ୩ ମାସ ପାଇଁ ନିଯୁକ୍ତି ମିଳିଥିଲା। ପରେ ଅତିରିକ୍ତ ଜିଲାପାଳ ଅଧ୍ୟାପକଙ୍କୁ ନିଲମ୍ବନ କରିଥିଲେ।

# ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ



ଯଜ୍ଞ ପାଇଁ ମହିଳା ଓ ପୁରୁଷମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

ଖଣ୍ଡପଡ଼ା,୧୭।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକର ଗଡ଼ିଆସାହି ପଞ୍ଚାୟତ ଅଧୀନ ପଥରଗଣ୍ଡ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିରର ବାର୍ଷିକ ଉତ୍ସବ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ଅବସରରେ ଏକ କଳସ ଶୋଭାଯାତ୍ରାରେ ଗ୍ରାମର ଶତାଧିକ ମହିଳାପୁରୁଷ ଗ୍ରାମ ପରିକ୍ରମା କରି ମନ୍ଦିର ପରିସରସ୍ଥିତ ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚି ଥିଲେ। କଳସଗୁଡ଼ିକୁ ଯଜ୍ଞବେଦୀରେ ସ୍ଥାପନ କରିବା ପରେ ବ୍ରାହ୍ମଣ ସମାଜ ପକ୍ଷରୁ ହୋମଯଜ୍ଞ ଆଦି ମାଙ୍ଗଳିକ କାର୍ଯ୍ୟ ଆରମ୍ଭ ହୋଇଥିଲା। ନାମ ସଂକୀର୍ତ୍ତନ, ବେଦପାଠ ଓ ହରିବୋଲ ହୁଳହୁଳି ଧ୍ୱନୀରେ ପଥରଗଣ୍ଡ ଗ୍ରାମସ୍ଥିତ ଶ୍ରୀରାମ ମନ୍ଦିର ଉତ୍ସବମୁଖର ହୋଇ ଉଠିଥିଲା। ଆଖପାଖ ଅଞ୍ଚଳରୁ ଶହ ଶହ ଶ୍ରଦ୍ଧାଳୁ ମନ୍ଦିର ପରିସରରେ ଉପସ୍ଥିତ ରହି ବିଗ୍ରହଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ଶନିବାର ସନ୍ଧ୍ୟାରେ ଯଜ୍ଞର ପୂର୍ଣ୍ଣାହୁତି ସହ ମନ୍ଦିରର ବାର୍ଷିକ ଉତ୍ସବ ଶେଷ ହେବ ବୋଲି ପଥରଗଣ୍ଡ ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

# ଛାତ୍ରୀଙ୍କ ସାମଗ୍ରିକ ବିକାଶକୁ ଗୁରୁତ୍ୱ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

**ବୁଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବାର୍ଷିକ ଉତ୍ସବ**

ଦଶପଲ୍ଲା,୧୭।୧
(ପ୍ରକାଶ କୁମାର ପାଣି)

ଆଦିବାସୀ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ, ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବୁଗୁଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ (କନ୍ୟାଶ୍ରମ) ବାର୍ଷିକ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷୟିତ୍ରୀ ନମିତା ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଜିଲା ମଙ୍ଗଳ ଅଧିକାରୀ ଦୟାନିଧି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କ ସାମଗ୍ରୀକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜୋର୍ତିମୟୀ ନାୟକ, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦୁଷ୍ମନ୍ତ କୁମାର ପାତ୍ର ଯୋଗଦେଇ ମା' ହେଲେ ପାଠୋଇ, ଦେଶ ଯିବ ଆଗେଇ, ନାରାକୁ ସଫଳ କରିବାକୁ ହେଲେ, ଛାତ୍ରୀମାନେ ଉପଯୁକ୍ତ ଶିକ୍ଷା ଲାଭ କରି ସମାଜର ବିଭିନ୍ନ କ୍ଷେତ୍ରରେ ନିଜର କୃତିତ୍ୱ ପ୍ରତିପାଦନ କରିବାକ ପରାମର୍ଶ ଦେଇଥିଲେ। ଏସ୍ଏମ୍ଏସି ଅଧକ୍ଷା ବିଶ୍ୱକାନ୍ତି ରାୟଗୁରୁ ଛାତ୍ରୀମାନଙ୍କର ଉତ୍ତରୋତ୍ତର ମଙ୍ଗଳ କାମନା କରିବା ସହ ବିଦ୍ୟାଳୟର ଉନ୍ନତି କାମନା କରିଥିଲେ। ଶେଷରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥି ବୃନ୍ଦ ପୁରସ୍କାର ପ୍ରଦାନ କରିଥିଲେ।

# ବାଇପାସ ରାସ୍ତାରେ ସେତୁ ନିର୍ମାଣ ଦାବି

ଖଣ୍ଡପଡ଼ା,୧୭।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି–ଆଡକଟା ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତାରେ ଥିବା କୁଅଁରିଆ ସେତୁଟି ବିଗତ ବର୍ଷା ତଥା ବନ୍ୟା ସମୟରେ ଭାଙ୍ଗି ଯାଇଥିଲା। ତେବେ ଦୀର୍ଘ ଏକବର୍ଷ ପରେ ନୂତନ ସେତୁର କାର୍ଯ୍ୟ ଆରମ୍ଭ କରାଯାଉଥିବା ବେଳେ ନିର୍ମାଣ କାର୍ଯ୍ୟକୁ ବିରୋଧ କରିଛନ୍ତି ସେତୁ ସଂଲଗ୍ନ କୋସକା, ରୟତଢୋଲମରା, କୁମ୍ଭାରପଡ଼ା ଓ ବଳଭଦ୍ରପ୍ରସାଦ ଆଦି ୪ଟି ପଞ୍ଚାୟତର ଅଞ୍ଚଳବାସୀ। ଅଞ୍ଚଳବାସୀ ତଥା ସର୍ବସାଧାରଣଙ୍କ ଗମନାଗମନ ପାଇଁ ବିକଳ୍ପ (ବାଇପାସ) ରାସ୍ତା ନିର୍ମାଣ କରା ନ ଯାଇ ଭଗ୍ନ ସେତୁର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଥିବାରୁ ଗୁରୁବାର ସମ୍ପୃକ୍ତ ଅଞ୍ଚଳର ଶତାଧିକ ଗ୍ରାମବାସୀ କାର୍ଯ୍ୟସ୍ଥଳରେ ପହଞ୍ଚି ନିର୍ମାଣ କାର୍ଯ୍ୟକୁ ବନ୍ଦ କରିଥିବା ଜଣାଯାଇଛି। କୁଆଁରିଆ ସେତୁ ପାର୍ଶ୍ୱରେ ପ୍ରଥମେ ଯାତାୟତ ନିମନ୍ତେ ବିକଳ୍ପ ରାସ୍ତା ନିର୍ମାଣ କରିବା ପରେ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏଥିପ୍ରତି ଖଣ୍ଡପଡ଼ା ପୂର୍ତ୍ତ ବିଭାଗ ସହକରୀ ନିର୍ବାହୀ ଯନ୍ତ୍ରୀ ଓ ନୟାଗଡ଼ ଅଧୀକ୍ଷଣ ଯନ୍ତ୍ରୀ ଦୃଷ୍ଟି ଦେବାକୁ ଉପରୋକ୍ତ ୪ଟି ପଞ୍ଚାୟତର ଜନସାଧାରଣ ଦାବି କରିଛନ୍ତି।



ପୁରୁଣା ସେତୁକୁ ଭଙ୍ଗାଯାଉଛି।

# ସ୍ୱର୍ଣ୍ଣ ଜୟନ୍ତୀ ବର୍ଷରେ ବନ୍ଧୁ ମିଳନ

ନୟାଗଡ଼,୧୭।୧
(ଲୋକନାଥ ମିଶ୍ର)

ସ୍ୱର୍ଣ୍ଣ ଜୟନ୍ତୀ ବର୍ଷରେ ଗୋଡିପଡ଼ା ସର୍ଦ୍ଦାର ପଟେଲ ବିଦ୍ୟାପୀଠର ୧୯୭୫ ମସିହା ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ଉତ୍ସବ ଭାପୁର ବ୍ଲକ ଫତେଗଡ ନିକଟସ୍ଥ କୋଶଳାଗୁଣୀ ମନ୍ଦିର ପାଖରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ ପୁରାତନ ଛାତ୍ରୀଛାତ୍ରଙ୍କ ପରିବାର ସାମିଲ ହୋଇ ପୁରଣା ସ୍ମୃତିକୁ ମନେ ପକାଇ ମଜା ଉଠାଇଥିଲେ।ବନ୍ଧୁମିଳନ ଉତ୍ସବ ରାଜ କିଶୋର ସାହୁଙ୍କ ଆବାହାକତ୍ୱ ଓ ଶରଣକୁଳ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ଯୋଗେଶ୍ୱର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସହପାଠୀମାନେ ଏଥିରେ ଭାବର ଆଦାନ ପ୍ରଦାନ କରିଥିଲେ।



ବନ୍ଧୁମିଳନ ଉତ୍ସବରେ ସହପାଠୀମାନେ।

# ଦଶପଲ୍ଲା କପ୍ ଫୁଟବଲ୍, ବରଗଡ଼ ବିଜୟୀ

ଦଶପଲ୍ଲା, ୧୭।୧
(ପ୍ରକାଶ କୁମାର ପାଣି)

ସ୍ଥାନୀୟ ଗାନ୍ଧୀ ମଇଦାନଠାରେ ସ୍ପୋର୍ଟିଭ ସ୍ପୋର୍ଟ୍ସସୋସାଇଟି ଦଶପଲ୍ଲା ଆନୁକୂଲ୍ୟରେ ଚାଲିଥିବା ସର୍ବଭାରତୀୟ ୨୫ତମ ଦଶପଲ୍ଲା ଫୁଟବଲ ଟୁର୍ନାମେଣ୍ଟର ଶୁକ୍ରବାର ନବମ ଦିନର ଖେଳ ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ବନାମ ନୂଆଦିଲ୍ଲୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୟୁନାଇଟେଡ଼ ସ୍ପୋର୍ଟ୍ସ କ୍ଲବ, ବରଗଡ଼ ୨–୧ ଗୋଲରେ ବିଜୟ ଲାଭ କରିଥିଲା। ଖେଳରେ ଅତିଥି ଭାବେ ବଣିକ ମହାସଂଘର ସଭାପତି ଅଲେଖ ସାହୁ, ଆଡଭୋକେଟ ଦିଲୀପ କୁମାର ପଣ୍ଡା ଏବଂ କାଳିଆ ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ଖେଳ ପରିଚାଳନା କରୁଥିଲେ ଶ୍ୟାମ ସୁନ୍ଦର ସାହା ଲାଇନ୍ସରେ ପ୍ରସନ୍ନ କୁମାର ନାୟକ, ଆଶ୍ରୀବାଦ ସେନ ଓ ଫୋର୍ଥ ଅଫିସିଆଲରେ ଓ ଅଶୋକ କୁମାର ନାୟକ ସହଯୋଗ କରୁଥିଲେ। ଶନିବାର ଖେଳ ବରଗଡ଼ ଏବଂ କାଶ୍ମୀର ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନ ସୂତ୍ରରୁ ପ୍ରକାଶ।



ଅନୁଷ୍ଠିତ ଖେଳରେ ଯୋଗଦେଇଥିବା ଅତିଥିମାନେ।

# ମହିଳା ମହାବିଦ୍ୟାଳୟରେ ଆତ୍ମ ସୁରକ୍ଷା କୌଶଳ ତାଲିମ



ଛାତ୍ରୀମାନେ ଆତ୍ମସୁରକ୍ଷା ପ୍ରଶିକ୍ଷଣ ନେଉଛନ୍ତି।

ଖଣ୍ଡପଡ଼ା,୧୭।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ସହରାଞ୍ଚଳସ୍ଥିତ ମହିଳା ମହାବିଦ୍ୟାଳୟ ପରିସରରେ ବାଳିକାଙ୍କୁ ଆତ୍ମ ସୁରକ୍ଷା କୌଶଳ ସମ୍ପର୍କୀତ ୮ଦିନିଆ ତାଲିମ କାର୍ଯ୍ୟକ୍ରମ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଦ୍ୱାରା ନିର୍ଦ୍ଦେଶିତ ଓ ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟ ତତ୍ତ୍ୱାବଧାନରେ ପରିଚାଳିତ ଏହି ୮ଦିନିଆ ତାଲିମ ଶିବିରକୁ ଯୁକ୍ତ ୨ ଅଧକ୍ଷା ସ୍ମିତା ଶେଫାଳୀ ମହାପାତ୍ର ଉଦ୍‌ଘାଟନ କରିଥିବା ବେଳେ ଅଧାପିକା ତୃପ୍ତିପ୍ରିୟା ସେଠୀ, ସହ ଗ୍ରନ୍ଥାଗାରିକ ସୁରେନ୍ଦ୍ର କୁମାର ଖୁଣ୍ଟିଆ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି। ପ୍ରଶିକ୍ଷିକା ଭାବେ କରିନା ପ୍ରଧାନ ଓ ବିଷ୍ଣୁପ୍ରିୟା ମହାପାତ୍ର ଯୋଗଦେଇ ବିଭିନ୍ନ ଡେମୋ ପ୍ରଦର୍ଶନ କରି ସାମ୍ପ୍ରତିକ ପରିସ୍ଥିତିରେ ଛାତ୍ରୀମାନେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ୭ଟି ଗ୍ରୁପରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀମାନେ ତାଲିମ ନେଉଥିବା ସୂଚନା ମିଳିଛି।

# କ୍ରିକେଟ ଟୁର୍ନାମେଣ୍ଟ: ନୂଆପାଟଣା ବିଜୟୀ

ଖଣ୍ଡପଡ଼ା,୧୭।୧
(ଅଜୟ କୁମାର ମହାରଣା)

ବାଣପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ନୀଳମାଧବ ମହାବିଦ୍ୟାଳୟ ଖେଳ ପଡିଆଠାରେ ଆରମ୍ଭ ହୋଇଥିବା ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଥିଲା ପ୍ରଥମ କ୍ୱାର୍ଟର ଫାଇନାଲ ମ୍ୟାଚ। ମ୍ୟାଚରେ ନୂଆପାଟଣା କ୍ରିକେଟ ଟିମ୍ ଶାଳଝରିଆ କ୍ରିକେଟ କ୍ଲବକୁ ହରାଇ ବିଜୟୀ ହୋଇଛି। ଶାଳଝରିଆ ଦଳ ଟସ୍ ଜିଣି ବ୍ୟାଟିଂ ଆରମ୍ଭ କରି ୧୬ ଓଭରରେ ୬ ଉଇକେଟ ହରାଇ ୧୯୧ ରନ ସଂଗ୍ରହ କରିଥିଲା। ଜବାବରେ ନୂଆପାଟଣା ଟିମ ୧୪.୨ ଓଭରରେ ୭ ଉଇକେଟ ହରାଇ ନିର୍ଦ୍ଧାରିତ ୧୯୨ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଜୟୀ ଦଳର ମିଥୁନ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଚନ୍ଦନ କୁମାର ଦଳେଇ ଓ ସୁରେଶ ଶ୍ୱେତାମ୍ବର ପ୍ରଧାନ ଖେଳକୁ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରଭାତ କୁମାର ବେହେରା ଯୋଗଦେଇଥିଲେ। ଶନିବାର ୨ୟ କ୍ୱାର୍ଟର ଫାଇନାଲରେ ବାଣପୁର–ବି କ୍ରିକେଟ ଟିମ ସହ ଗୋପୀନାଥପୁର କ୍ରିକେଟ ଟିମ ସହ ମୁକାବିଲା ହେବ।



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

# ଖଣ୍ଡପଡ଼ା ବ୍ଲକ୍‌ରେ ଅଦ୍ରିକା ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା

ଖଣ୍ଡପଡ଼ା,୧୭।୧
(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଶିଶୁ ବିକାଶ କାର୍ଯ୍ୟାଳୟ ପକ୍ଷରୁ ଅଦ୍ରିକା ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଇଓ କୈଳାସ ଚନ୍ଦ୍ର କର, ଏବିଇଓ କଳିଙ୍ଗ ଚନ୍ଦ୍ର ନାୟକ, ବ୍ଲକ୍ ମିଶନଶକ୍ତି ଅଧିକାରୀ ଦୀଲିପ କୁମାର ନାୟକ, ଶିକ୍ଷକ ନିକୁଞ୍ଜ ବିହାରୀ ରଥ ଯୋଗଦେଇ କାର୍ଯ୍ୟକ୍ରମ ଆୟୋଜନର ମୁଖ୍ୟ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ଲାଗି ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ଜଣାପଡ଼ିଛି। ଏହି ଅବସରରେ ପିଲାମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡ଼ା ବ୍ଲକ୍ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ କେ, କୋଟେଶ୍ୱରୀ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଅଙ୍ଗନୱାଡି କର୍ମୀ, ସୁପରଭାଇଜର ଓ କର୍ମଚାରୀମାନେ ସହଯୋଗ କରିଥିଲେ।



ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାଙ୍କ ଛତୁ ଫାର୍ମ ପରିଦର୍ଶନ

ଖଣ୍ଡପଡ଼ା,୧୭।୧
(ଅଜୟ କୁମାର ମହାରଣା)

ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ନିମନ୍ତେ ରାଜ୍ୟ ସରକାର ମିଶନ ଶକ୍ତି ଯୋଜନା କାର୍ଯ୍ୟକାରୀ କରିଛନ୍ତି । ଏହି ଯୋଜନା ଅଧୀନ ଛତୁ ମିଶନ ଜରିଆରେ ଖଣ୍ଡପଡ଼ା, ଭାପୁର, ଗଣିଆ, ଦଶପଲ୍ଲା ଆଦି ୪ ବ୍ଲକ୍ ଅଞ୍ଚଳରୁ ୧୬ ଜଣ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ପୁରୀ ଜିଲା ଅଧୀନ ଦାଣ୍ଡମୁକୁନ୍ଦପୁର ଅଞ୍ଚଳରେ ଥିବା ଛତୁ ଫାର୍ମଗୁଡିକ ପରିଦର୍ଶନ କରି ଏହି ଚାଷ ସଂକ୍ରାନ୍ତରେ ସବିଶେଷ ଜ୍ଞାନ ଆହାରଣ କରିଛନ୍ତି । ଛତୁ ଚାଷ ଏକ ଲାଭଜନକ ବ୍ୟବସାୟ ହୋଇଥିବାରୁ ମହିଳାମାନେ ଏହି ଚାଷ ପ୍ରତି ଆଗ୍ରହ ପ୍ରକାଶ କରିଥିବାରୁ ସେମାନଙ୍କୁ ଖୁବ୍‌ଶୀଘ୍ର ଅଭିଜ୍ଞ ଚାଷୀ ଓ ପ୍ରଶିକ୍ଷକମାନଙ୍କ ଦ୍ୱାରା ପ୍ରଶିକ୍ଷଣ ପ୍ରଦାନ କରାଯିବ ବୋଲି ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି ।

# ଟୋକନ ଆଲର୍ଟ ହେଲାଣି, ଖୋଲୁନି ମଣ୍ଡି

**ମିଲରଙ୍କ ଅସହଯୋଗ ଯୋଗୁ ଚନ୍ତାରେ ଚାଷୀ**

ଖଣ୍ଡପଡ଼ା,୧୭।୧
(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ୧୫ ଟି ସେବା ସମବାୟ ସମିତି(ପାକ୍ସ) ମଧ୍ୟରୁ ମାତ୍ର ୨ଟି ସ୍ଥାନରେ ଧାନମଣ୍ଡି ଖୋଲାଯାଇଛି। ଇତିମଧ୍ୟରେ ଚାଷୀମାନଙ୍କୁ ଅନ୍‌ଲାଇନ ଯୋଗେ ଧାନବିକ୍ରି ପାଇଁ ଟୋକନ ଆଲର୍ଟ କରାଗଲାଣି। ଯୋଗାଣ ବିଭାଗ କର୍ତ୍ତୃପକ୍ଷଙ୍କ ଉଦାସୀନତା ଯୋଗୁ ଧାନ କ୍ରୟ କରିବା ନିମନ୍ତେ ଉକ୍ତ ୨ଟି ମଣ୍ଡିରେ ମିଲରଙ୍କ ଦେଖା ଦର୍ଶନ ମିଳୁ ନାହିଁ। ଫଳରେ ମଣ୍ଡିରେ ଚାଷୀମାନେ ଧାନ ବିକ୍ରି କରିପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ମିଲରଙ୍କ ଅସହଯୋଗ ଓ ପ୍ରଶାସନିକ ସ୍ଥାଣୁତା ଏବେ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିଛି। କିଛିଦିନ ତଳେ ଖଣ୍ଡପଡ଼ା ଓ ବେଣାଗାଡ଼ିଆ ପାକ୍ସରେ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ ଓ ବ୍ଲକ୍ ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ କଣ୍ଟାପଲା ପୂଜାର୍ଚ୍ଚନା କରାଯାଇ ଧାନମଣ୍ଡି ଉଦ୍‌ଘାଟନ କରାଯାଇଥିଲା। ଚାଷୀମାନେ ଆଶା ରଖିଥିଲେ ଖୁବ୍‌ଶୀଘ୍ର ମଣ୍ଡିରେ ଧାନ ବିକ୍ରି ହେବ। ସେମାନେ ସରକାର ଧାର୍ଯ୍ୟ କରିଥିବା ଉଚିତ୍ ମୂଲ୍ୟରେ ଧାନ ବିକ୍ରିକରି ବେଶ ଲାଭବାନ ହୋଇପାରିବେ। ମାତ୍ର ମିଲରଙ୍କ ମନମାନି ଯୋଗୁ ମଣ୍ଡିରେ ଧାନ ବିକ୍ରୟ ଆରମ୍ଭ ହୋଇ ନ ଥିବାରୁ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏହାର ସୁଯୋଗ ନେଇ ଚାଷୀ ପରିବାରଙ୍କଠାରୁ ବ୍ୟବସାୟୀମାନେ ଧାନ କୁଇଣ୍ଟାଲ ପିଛା ଏବେ ୧୯୦୦ ରୁ ୨୦୦୦ ଟଙ୍କାରେ କ୍ରୟ କରୁଥିବା ଜଣାପଡ଼ିଛି। ଅସାଧୁ ବ୍ୟବସାୟୀଙ୍କ ଦ୍ୱାରା ଚାଷୀମାନେ ଶୋଷଣର ଶିକାର ହେଉଥିବା ଅଭିଯୋଗ ହେଉଥିବା ବେଳେ ଯୋଗାଣ ବିଭାଗ ଅଧିକାରୀମାନଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେଣୁ ଚାଷୀମାନଙ୍କ ବୃହତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ବାକି ୧୩ ଟି ପାକ୍ସରେ ଖୁବ୍‌ଶୀଘ୍ର ଧାନମଣ୍ଡି ଖୋଲିବା ଲାଗି ପ୍ରଶାସନ ଦୃଷ୍ଟି ଦେବାକୁ ଖଣ୍ଡପଡ଼ା ଅଞ୍ଚଳର ଚାଷୀମାନେ ଦାବି କରିଛନ୍ତି। ଏଥିପ୍ରତି ନୟାଗଡ଼ ଜିଲା ଯୋଗାଣ ଅଧିକାରୀ, ଜିଲାପାଳ ଦୃଷ୍ଟି ଦେବାକୁ ନବ ନିର୍ମାଣ କୃଷକ ସଙ୍ଗଠନ ଖଣ୍ଡପଡ଼ା ବ୍ଲକ୍ ଶାଖା ପକ୍ଷରୁ ଦାବି ହୋଇଛି।

